# Akashvani, Sambalpur

# SAMBALPURI NEWS MORNING BULLETIN

# 3 April 2026 - 6.47- 6.52 am.

---

ସଖାଲ୍ ପଢ଼ା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଜବର୍ ଖରାକେ ନଜର୍‌ଥି ରଖିକରି ରାଏଜେ ସ୍କୁଲ୍ ସମିଆକେ ବଦ୍‌ଲାଯାଇଛେ । ସଖାଲର୍ ସାଢ଼େ ୬ ବଜେନୁ ସାଢ଼େ ୧୦ ବଜେତକ୍ ସ୍କୁଲ୍ ନ ପାଠ୍‌ପଢ଼ା ହେବା । ସବୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍ ସହେତେ ଘରୋଇ ସ୍କୁଲ୍‌ମାନ୍‌କର୍ ଲାଗି ଇ ନିର୍ଦ୍ଦେଶ୍ ଲାଗୁ କରାଯାଇଛେ । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଳ୍‌ମାନ୍‌କୁ ଚିଠି କରାଯାଇଛେ । ଖାଲି ଇ ବଛର୍ ନାଇଁ ଏତ୍‌କେ ଫି’ ବଛର୍ ଏପ୍ରିଲ୍ ୨ ତାରିଖ୍‌ନୁ ସଖାଲ୍‌ପଢ଼ା ହେବା ବଲି ଚିଠିଥି କୁହାଯାଇଛେ ।

ଏଲ୍‌ପିଜି ଉଚ୍ଚସ୍ତରୀୟ ବୈଠକ୍          ଆଇ ଆଣ୍ଡ୍ ପି.ଆର୍

ରାଏଜେ ଏଲ୍‌ପିଜି ଆଉ ପେଟ୍ରୋଲିୟମ୍ ଜାତ ଦରବ୍‌ର ଯୋଗାଣ ସୁନିଶ୍ଚିତ୍ କର୍‌ବାର୍‌କେ ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ୍ ଦେଇକରି କହିଛନ୍, ଏଛେନ୍ ପରିସ୍ଥିତିଥି ଗେସ୍ କଲାବଜାରୀଙ୍କର୍ ବିରୋଧିଥି କଡ଼ା ଆଭିମୁଖ୍ୟ ଗ୍ରହଣ୍ କରାଯାଇଛେ । ଗେସ୍ ଯୋଗାଣ ଅନିୟମିତତାକେ ରୁକ୍‌ବାର୍ ଲାଗି, ଲାଗି ବାୟୋମେଟ୍ରିକ୍ ବ୍ୟବସ୍ଥାକେ କଡ଼ାକଡ଼ି କର୍‌ବାର୍‌କେ ଏଜେନ୍ସି ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଯେନ୍‌ମାନେ ପିଏନ୍‌ଜି ସଂଯୋଗ୍ ପାଏବେ ସେମାନ୍‌କୁ ଏଲ୍‌ପିଜି ସଂଯୋଗୀକରଣ୍‌ନୁ ବାଦ୍ କର୍‌ବାର୍‌କେ କୁହାଯାଇଛେ । ବୈଠକ୍‌ଥି ବିଭାଗର୍ ପ୍ରମୁଖ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ସହେତେ ଭିନ୍ ଭିନ୍ ତେଲ୍ ଆର୍ ଗେସ୍ କମ୍ପାନୀର୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜନଗଣନା ଅଧିକାରୀ          ଆଇ ଆଣ୍ଡ୍ ପି.ଆର୍

ଜନଗଣନା କାମ୍‌ଥି ନିୟୋଜିତ ଥିବା ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ବଦ୍‌ଲି ନାଇଁ କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ବିଭାଗ୍ ଜିଲ୍ଲା ପ୍ରଶାସନ୍ ଆଉ ନଗର୍ ନିଗମ୍ ମାନ୍‌କୁ ନିର୍ଦ୍ଦେଶ୍ ଜାରି କରାଯାଇଛେ । ସବୁ ଜିଲ୍ଲା ଆଉ ନଗର୍ ନିଗମ୍‌ର ମୁଖ୍ୟ ଜନଗଣନା ଅଧିକାରୀମାନେ ଜନଗଣନା କର୍ମଚାରୀମାନ୍‌କର୍ ପ୍ରଶିକ୍ଷଣ୍‌କେ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବେ । ଜନଗଣନା କାମ୍‌ଥି ନିୟୋଜିତ ହେଇଥିବା ମାଷ୍ଟର୍ ଟ୍ରେନର୍ ଆଉ ଫିଲ୍ଡ୍ ଟ୍ରେନର୍ ମାନ୍‌କୁ ଜନଗଣନା କାମ୍ ଶେଷ୍ ହେବାର୍‌ତକ୍ ୨୦୨୭ ମସିହା ମାର୍ଚ୍ଚ ମାସ୍‌ତକ୍ ବଦ୍‌ଲି ନାଇଁ କରାଯାଏ ବଲି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ଗୁଡ୍ ଫ୍ରାଇଡ୍ରେ I&PR

ଆଏଜ୍ ହେଉଛେ ଗୁଡ୍ ଫ୍ରାଇଡ୍ରେ । ପ୍ରଭୁ ଯୀଶୁଙ୍କର୍ କ୍ରୁଶବିଦ୍ଧ ଦିନ୍‌କେ ସୋର୍ କରିକରି ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର୍ ଭାଇବହେନ୍‌ମାନେ ଆଏଜ୍ ଶୁଭ ଶୁକ୍ରବାର୍ ମନଉଛନ୍ । ଶୁଭ

ଶୁକ୍ରବାର୍ ପୁରାତନ ଯୁଗନୁ ଧାର୍ମିକ ଆର୍ ପବିତ୍ର ବାର୍ତା ବଲି କୁହାଯାଇଛେ ।

ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାର୍ଟି ଗୁଟେ ବାର୍ତାଥି ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କର୍ ବଲିଦାନ୍‌ର ସ୍ମାରକୀ ବହନ୍ କର୍‌ସି ଆଉ ମାନବ ଜାତିକେ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଆଉ କ୍ଷମାର ବାର୍ତା ପ୍ରଦାନ୍ କର୍‌ସି ବଲି କହିଛନ୍ । ସେ କହିଛନ୍ ଯେ, ଇ ଦିନ ପ୍ରଭୁ ଯୀଶୁଙ୍କର୍ କ୍ରୁଶବିଦ୍ଧ ହେବାର୍ ପବିତ୍ର ସ୍ମାରକୀ ଦିବସ୍ । ଯାହାଙ୍କର୍ ଜୀବନ୍ ମାନବ୍ ସମାଜ୍‌କେ ଦୁଃଖନୁ ମୁକ୍ତି ଦେବାର୍‌ଥି ସମର୍ପିତ୍ ଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଆଝିରର୍ ଦିନ୍ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କର୍ ଲାଗି ଗୁଟେ ପବିତ୍ର ଦିନ୍ ଆଏ । ମାନବ୍ ସମାଜର କଲ୍ୟାଣ ଲାଗି ଯୀଶୁ ଖ୍ରୀଷ୍ଟଙ୍କ ସବୁନୁ ବଡ଼ ତ୍ୟାଗ୍‌କେ ଆଧାର୍ କରିକରି ଗୁଟେ ଆଦର୍ଶ ସମାଜ୍ ଗଠନ୍ ଦିଗେ ସଭେ ସଂକଳ୍ପବଦ୍ଧ ହେଇକରି କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଜନବିଶ୍ୱାସ ସଂଶୋଧନ ବିଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜନବିଶ୍ୱାସ ସଂଶୋଧନ ବିଲ୍ -୨୦୨୬ ଲୋକସଭା ଆଉ ରାଜ୍ୟସଭାଥି ପାରିତ୍ ହେଇଛେ । ଇଟା ଦେଶେ ବ୍ୟବସାୟ କର୍ବାରଥି ସହଜ୍ ଆଉ ଜୀବନ୍ ଧାରଣ୍ର ସୁଗମତାକେ ଆହୁରି ବଢ଼ାବାର୍ ଦିଗେ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଆଏ । ଛୋଟ୍ମୋଟ୍ ଅପରାଧ୍କେ ଅପରାଧ୍ ଶ୍ରେଣୀନୁ ହଟେଇକରି ଆଉ ଆଘୋନୁ ରହିଥିବା ଆଇନ୍ଗତ ବ୍ୟବସ୍ଥାକେ ଯୁକ୍ତିଯୁକ୍ତ କରିକରି ବ୍ୟକ୍ତି ଆଉ ବ୍ୟବସାୟ ଉପ୍ରେ ବୋଝ କମାବାର୍ଟା ଇ ବିଲ୍ର ଉଦ୍ଦେଶ୍ ଆଏ । ୨୩ ଟା ମନ୍ତ୍ରଣାଳୟ ତର୍ଫୁ ପରିଚାଲିତ୍ ୭୯ ଟା କେନ୍ଦ୍ରୀୟ ଆଇନ୍ର ୭ ଶହ ୮୪ ଟା ବ୍ୟବସ୍ଥାକେ ଇ ବିଲ୍ଥି ସଂଶୋଧିତ୍ କରାଯାଇଛେ ।

ସାଧନା ହପ୍ତା ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ରାଏଜେ ସାଧନା ହପ୍ତାର ଶୁଭାରମ୍ଭ କରିଛନ୍ । ଇ ହପ୍ତାଥି ସର୍କାରୀ ଅଧିକାରୀ ଆଉ

କର୍ମଚାରୀମାନ୍‌କର୍ ଦକ୍ଷତା ବଢ଼ାବାର୍ ଲାଗି ମିଶନ୍ କର୍ମଯୋଗୀ ଅଧୀନ୍‌ଥି ଅନ୍‌ଲାଇନ୍ ତାଲିମ୍ ଦିଆଯିବା ।

ଶିକ୍ଷକ୍- ନିୟମିତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚୁକ୍ତିଭିତିକ ଭାବେ କାମ୍ କରୁଥିବା ସବୁ ସ୍କିମାଟିକ୍, କନିଷ୍ଠ ଶିକ୍ଷକ୍‌ମାନ୍‌କୁ ନିୟମିତ କରାଯିବାର୍ ଲାଗି ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସବୁ ସ୍କିମାଟିକ୍ ଶିକ୍ଷକ୍ ଲେଭଲ୍ - ଭି (ଏ) ସହକାରୀ ଶିକ୍ଷକ୍ ଭାବେ ମାଏନ୍‌ତା ପାଏବେ । ସେମାନ୍‌କୁ ଇ ବର୍ଗ ଅନ୍‌ସାରେ ସବୁ ସର୍‌କାରୀ ସୁବିଧା ଦିଆଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ୨୦୨୩-୨୪ ବଛ୍‌ରେ ନିଯୁକ୍ତି ପାଇଥିବା ଇ ବର୍ଗର୍ କନିଷ୍ଠ ଶିକ୍ଷକ୍‌ମାନ୍‌କୁ ନିୟମିତ କରାଯାଇଛେ । ଇଟା ହେବାର୍‌ନୁ ରାଜ୍ୟର୍ ୧୩ ହଜାର୍‌ନୁ ଅଏତ୍‌କା ଚୁକ୍ତିଭିତିକ କନିଷ୍ଠ ଶିକ୍ଷକ ଲାଭ୍ ପାଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୦ ତାରିଖ୍ ଦିନ ସବୁ ସ୍କିମାଟିକ୍ ଶିକ୍ଷକ୍‌ମାନ୍‌କୁ ନିୟମିତ କରାଗଲା ବଲି ରାଜ୍ୟ ସର୍‌କାର୍ ଘୋଷ୍‌ନା କରିଥିଲେ ।

ଶ୍ରୀକ୍ଷେତ୍ର ପୁରୀ-ସାହିଜାତ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଚାଲିଥିବା ସାହିଜାତ ଥି ଆଏଜ୍ ଲଙ୍କାପୋଡ଼ା ନୀତି ହେବା । ପରମ୍ପରା ଅନ୍‌ସାରେ ଦୋଳମଣ୍ଡପ ସାହି ତର୍ଫୁ ଇ ନୀତି କରାଯିବାର୍‌କେ ଥିବାର୍ ବେଲେ ଜଗନ୍ନାଥବଲ୍ଲଭ ମଠ ପରିସର୍ ନ ଖାସ୍ ନୀତି କରାଯିବା । ଦୋଳମଣ୍ଡପ ସାହି ତର୍ଫୁ ରାବଣମେଢ଼ ବାହାର୍‌ବାର୍ ସହେତେ ସାହି ପରିକ୍ରମା କରି ସାରିକରି ଇ ବିଶେଷ ଲଙ୍କାପୋଡ଼ି ନୀତି ଡେରି ରାତି ନ ଶେଷ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଗଲା ରାମ୍‌ନଅମୀ ଦିନୁ ସାହିଜାତ ମୁଲ୍ ହେଇଥିବାର୍ ବେଲେ ରାମ ଅଭିଷେକ୍ ତିଥିତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବଲାଙ୍ଗିର୍, ବର୍‌ଗଡ୍, କଲାହାଣ୍ଡି, ନୂଆପଡ଼ା ସହେତେ ରାଜ୍ୟର୍

ବଡ଼ଭାଗୀ ଜାଗା ନ ଘଡ଼ଘଡ଼ି ସହେତେ ଧୁକାଗର୍ଡ଼ି ଆଉ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ ।